# ଘର

ମଝିରେ ଘର
ଏ ପାଖ
ନା ସେପାଖ ॥୧

ଏ କାଛ ଡେଇଁଲେ
ଶରତ
ସେ କାଛ ପାରି
ହେଲେ ବସନ୍ତ
ଗଲା ଦିନ ଡାକେ
ହାତ ମାରି
ଆସିବା ଦିନ ଟାଣେ
ଆଖି ଉଠାରି
କାହାକୁ
ଦେବି ନ୍ୟାୟ
ପିଲାଦିନ ଅଥବା
ବର୍ତ୍ତମାନ
ମଝିରେ ଦଣ୍ଡାୟମାନ ॥୨

ଏଇନେ
ବାମ ପାଦକୁ
ମୋ ଘୁଙ୍ଗୁର
ଡାହାଣକୁ
ଡିସ୍କୋ ସ୍ୱର
ମିତ ହସେ ଏଠି
ଆପଣେ ଖାଇ
ସେପଟେ ସଂଗାତ
ରଷେ ନ ଖୁଆଇ ॥୩

ଏ ଝର୍କା କଣେ
ଜହ୍ନ ହାତ ହଲାଏ
ସେକତ ଓଢଣା ତଳେ
ଜହ୍ନ ସରମାଏ
ଏ ଦୁଆର ମୁଖେ
ପାର୍ଟି, କାର୍‌ନିଭାଲ୍
ସେ ଦର୍ଜା ପାଖେ
ନୂଆଖାଇ, ଭସାଣିମେଢ  ।।୪

ମଝିରେ ଘର ଯା'ର
ତା'ର ସଦୃଶ
ନ ଥିବା ଘର
ହସେ ଯେଉଁଠି
କାନ୍ଦେ ସେଇଠି
ମଝି ରସ୍ତାରେ
ତୋଳିଛି ମୁଁ ଘର
ଦି' ଟା ମୁଣ୍ଡ ସହ
ଗୋଟାଏ ଦିହର
ମଝିରେ ଘର   ।।୫

ଦିଗମ୍ବର ପାତ୍ର